## ଛାତ୍ରଛାତ୍ରୀ ଚାହିଁଲେ ଏଣିକି ମାଟ୍ରିକ୍ ପରୀକ୍ଷା ଦେବେ ଇଂରାଜୀରେ

ଭୁବନେଶ୍ୱର – (ଭୁ.ପ୍ର) ରାଜ୍ୟରେ ପ୍ରତିବର୍ଷ ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପ୍ରଥମ ଶ୍ରେଣୀରେ ହାରାହାରି ୧୩ଲକ୍ଷ ୫୦ ହଜାର ଛାତ୍ରଛାତ୍ରୀ ନାମଲେଖାଉଥିବାବେଳେ ପ୍ରତିବର୍ଷ ମାତ୍ର ସାଢ଼େ ତିନିଲକ୍ଷ ଛାତ୍ରଛାତ୍ରୀ ମାଟ୍ରିକ ସାର୍ଟିଫିକେଟ ପରୀକ୍ଷା ଦେଉଛନ୍ତି, ଅର୍ଥାତ୍ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ପ୍ରତିବର୍ଷ ରାଜ୍ୟର ପ୍ରାୟ ୧୦ଲକ୍ଷ ଛାତ୍ରଛାତ୍ରୀ ଅଧାରୁ ପାଠ ପଢ଼ା ଛାଡୁଛନ୍ତି କିମ୍ବା ବିଭିନ୍ନ ଶ୍ରେଣୀରେ ଅସଫଳ ହେଉଛନ୍ତି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନ କହିଛନ୍ତି । ଏହି ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେବା, ସେମାନଙ୍କୁ ବିଦ୍ୟାଳୟମୁଖୀ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସର୍ବଶିକ୍ଷା ଅଭିଯାନ ସମେତ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରାଯାଉଛି । ଏହି କାର୍ଯ୍ୟକ୍ରମର ସଫଳତା ପ୍ରତି ଅଭିଭାବକ, ଶିକ୍ଷକ ମହଲ ଏବଂ ସରକାରୀ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହେବା ପାଇଁ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି । ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପାଠ୍ୟକ୍ରମରେ ସଂସ୍କାର ଆଣିବା ଲକ୍ଷ୍ୟରେ ସରକାର କେତେକ ପଦକ୍ଷେପ ନେଉଥିବା ସୂଚନା ଦେଇ ସେ କହିଛନ୍ତି ଯେ ଶିକ୍ଷକମାନଙ୍କୁ ଏଣିକି ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ଗୋଟିଏ ବିଷୟ ପ୍ରତ୍ୟେକ କ୍ଲାସରେ ପଢ଼ାଇବା ବ୍ୟବସ୍ଥା କରାଯିବ । ଉଦାହରଣସ୍ୱରୂପ ଗଣିତ ପଢ଼ାଉଥିବା ଶିକ୍ଷକ ୮ମ, ୯ମ ଓ ୧୦ମ ଶ୍ରେଣୀରେ ଗଣିତ ପଢ଼ାଇବେ । ଏହା ବ୍ୟତୀତ ଅଷ୍ଟମ ଶ୍ରେଣୀକୁ ମଧ୍ୟ ଇଂରାଜୀ ବିଦ୍ୟାଳୟକୁ ହସ୍ତାନ୍ତର କରାଯିବା ଏବଂ ହାଇସ୍କୁଲ ୯ମ ଓ ୧୦ମ ଶ୍ରେଣୀ ନେଇ କାର୍ଯ୍ୟ କରିବ । ଏହାଦ୍ୱାରା ମଧ୍ୟ ଇଂରାଜୀ ଏବଂ ହାଇସ୍କୁଲ ପାଠ୍ୟକ୍ରମ ମଧ୍ୟରେ ଅଷ୍ଟମ ଶ୍ରେଣୀ ଏକ ଯୋଗସୂତ୍ରକାରୀ ପାଠ୍ୟକ୍ରମର ମର୍ଯ୍ୟାଦା ଲାଭ କରିବ । ଶିକ୍ଷକଙ୍କୁ ଦିଆଯାଇଥିବା ବିଷୟରେ ଛାତ୍ରଛାତ୍ରୀ ଶତକଡ଼ା ୭୫ଭାଗ ନମ୍ବର ନରଖିଲେ ତାଙ୍କୁ ଉତ୍ତରଦାୟୀ କରାଯିବ । ଏହାଦ୍ୱାରା ପାଠ ପଢ଼ାଇବା ଲାଗି ମନଧ୍ୟାନ ଦେଉନଥିବା ଶିକ୍ଷକମାନେ ଅଧିକ ଯତ୍ନବାନ ହୋଇ ଛାତ୍ରଙ୍କ ପିଛା ଲାଗିପଡ଼ିବେ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି । ଯଦ୍ୱାରାକି ଘରୋଇ ଟିଉସନ ବ୍ୟବସ୍ଥାକୁ କିଛି ମାତ୍ରାରେ ପ୍ରତିହତ କରାଯିବା ସହ ଛାତ୍ରମାନଙ୍କୁ ଅଧିକ ଜ୍ଞାନ ଆହରଣର ସୁଯୋଗ ମିଳିପାରିବ । ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନରେ ପ୍ରଥମ ଶ୍ରେଣୀରୁ ଇଂରାଜୀ ପଢ଼ାଇବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଉଛନ୍ତି । ଛାତ୍ରମାନେ ଚାହିଁଲେ ଇଂରାଜୀ ଭାଷା ମାଧ୍ୟମରେ ମାଟ୍ରିକ ପରୀକ୍ଷା ଦେଇ ପାରିବେ ବୋଲି ଗଣଶିକ୍ଷା ମନ୍ତ୍ରୀ ସୂଚନା ଦେଇଛନ୍ତି । ଏହା ଫଳରେ ଛାତ୍ରଛାତ୍ରୀମାନେ ଜାତୀୟସ୍ତରରେ ଅଧିକ ପ୍ରତିଯୋଗିତାର ସମ୍ମୁଖୀନ ହୋଇପାରିବେ ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ କଲେଜସ୍ତରରେ ଇଂରାଜୀ ଭାଷାର ଜଟିଳତା ଅନୁଭବ କରି ପାରିବେ ନାହିଁ ବୋଲି ସେ ସ୍ପଷ୍ଟ କରି ଦେଇଛନ୍ତି । ଶିକ୍ଷକ, ଅଭିଭାବକ ଅଥବା ଛାତ୍ରଛାତ୍ରୀ





ଏଣିକି ଯେକୌଣସି ଅଭିଯୋଗ ସିଧାସଳଖ ଗଣଶିକ୍ଷାମନ୍ତ୍ରୀଙ୍କ ନିକଟକୁ ପଠାଇପାରିବେ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଫଳରେ ଶିକ୍ଷା କ୍ଷେତ୍ରରେ ସାଧୁତା ରକ୍ଷା କରାଯିବାରେ ଏହା ସହାୟକ ହୋଇପାରିବ ।




About Us Contact Us Feedback Guest Book
The site is best viewed in 800x600 Resolution and in Internet Explorer 5.0 and above.
©2003 THE SAMAJA Estd.1919 (Servants of People Society)